# "ବାଣିଜ୍ୟେ ବସତି ଲକ୍ଷ୍ମୀ"

ସାଗରିକା ରାଉତ୍
କୁଆଁସ, ଭଦ୍ରକ



ସାଗରିକା ରାଉତ ନିଜ ଗାଈଗୁଡିକର ଯତ୍ନ ଓ ପରିଚାଳନାରେ ବ୍ୟସ୍ତ

ପ୍ରାଚୀନ ଭାରତୀୟ ମାନଙ୍କର ଏହି ଉପଦେଶ ବଚନ ଯେ କେତେ ସାର୍ଥକ ତାହା ମୁଁ ଆଜି ପ୍ରତ୍ୟେକ୍ଷରେ ଅନୁଭବ କରୁଛି ଏବଂ ଅନ୍ୟ ମାନଙ୍କୁ ଏ ବିଷୟରେ ଉତ୍ସାହିତ କରୁଅଛି ମଧ୍ୟ । ମ୍ୟାଟ୍ରିକ୍ ପାଶ୍ କରିବା ପରେ ସମୟ କ୍ରମେ ବାପା ମା ମୋତେ ବିବାହ କରିଦେଲେ । ବୈବାହିକ ଜୀବନରେ ଅନ୍ୟ ଉପରେ ନିର୍ଭର ନକରି କିପରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିବି ତାହା ମୋ ମନକୁ ସବୁ ବେଳେ ବ୍ୟତିବ୍ୟସ୍ତ କଲା । ମନ ଥିଲେ ଉପାୟ ବଳେ ବଳେ ଆସେ । ସତରେ ସ୍ୱାଧୀନ ଚଳଣି ପାଇଁ ମନ ମୋର ବ୍ୟତିବ୍ୟସ୍ତ ହୋଇ ଉଠିଲା । ଏପରିକି ସ୍ୱାମୀଙ୍କ ଉପରେ ନିର୍ଭର ନକରି ନିଜ ପରିଶ୍ରମରେ ନିଜ ପାଇଁ ଓ ପିଲାମାନଙ୍କ ପାଇଁ କିଛି କରିଯିବାକୁ ଉପାୟ ଚିନ୍ତା କଲି । ଏକରେ ତ ଝିଅ ପିଲା, ତହିଁରେ ସମାଜ ଅବସ୍ଥାକୁ ବିଚାର କଲି । ସବୁ ଭୟ ଭ୍ରାନ୍ତିକୁ ମନରୁ ତଡ଼ି ଦେଇ ମନକୁ ଖୁବ୍ ଟାଣ କରିନେଲି । ମୋ ବାପା ଭଦ୍ରକ ସ୍ଥିତ କୁଆଁସ ଗ୍ରାମରେ ଘର କରି ରହନ୍ତି । ସେ ମୋତେ ଅନେକ ଉତ୍ସାହ ଦେଲେ । ପ୍ରଥମେ ୨୦୦୨ ମସିହା ମାର୍ଚ୍ଚ ମାସରେ ଗୋଟିଏ ଦେଶୀ ଗାଈ କିଣି ବ୍ୟବସାୟ ଆରମ୍ଭ କଲି । ସେ ଗାଈଟି ଦିନକୁ ୩ ଲିଟର କ୍ଷୀର ଦେଉଥାଏ । ସେଇ କ୍ଷୀରକୁ ବିକ୍ରି କରି କିଛି ପଇସା ଜମେଇଲି, ମୋ ପାଖରେ ଯାହା କିଛି ପୁଞ୍ଜି ଥିଲା, ସେ ସବୁକୁ ଏକାଠି କରି ତାପର ବର୍ଷ ଗୋଟିଏ ଜର୍ସି ଗାଈ କିଣିଲି । ଦେଶୀ ଓ ଜର୍ସି



ସାଗରିକା ରାଉତ ନିଜେ ଗାଈଠାରୁ ଦୁଗ୍ଧ ଦୁହିଁବାରେ ବ୍ୟସ୍ତ

ଗାଈଠାରୁ ଦିନକୁ ୧୦ ଲିଟର କ୍ଷୀର ମିଳିଲା । ସେଇ କ୍ଷୀରକୁ ବିକ୍ରୀ କରି ପରିବାର ଚଳାଇବା ପରେ ଯେତେ ଟଙ୍କା ବଳୁଥିଲା ତାକୁ ବର୍ଷକ ପାଇଁ ସଞ୍ଚୟ କଲି । ୨୦୦୩ ମସିହା ଅଗଷ୍ଟ ମାସରେ ଆଉ ଦୁଇଟି ଦୁହାଁଳିଆ ଗାଈ କିଣିଲି । ସେମାନଙ୍କୁ ଉତ୍ତମ ଖାଦ୍ୟ ଓ ସେବାରେ ମୁଁ ହେଳା କରୁନଥାଏ । ବର୍ତ୍ତମାନ ହାରାହାରି ଦୈନିକ ଏକ ଶହ ଲିଟର କ୍ଷୀର ଆମଦାନି କରୁଛି । ଗାଈର ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ମାସିକ ୧୦ ରୁ ୧୨ ହଜାର ଟଙ୍କା ଲାଭ ହେଉଛି ।



ସାଗରିକା ରାଉତଙ୍କ ଦୁଗ୍ଧ ବ୍ୟବସାୟ

ମୋର ଅନୁଭୂତି ହୋଇଛି ଯେ, ଥରେ ସାହସ ବାନ୍ଧି ଯେ କୌଣସି ସ୍ତ୍ରୀଲୋକ ନିଜର ଉନ୍ନତି ପାଇଁ ଆଗକୁ ବାହାରି ଆସିଲେ, ସବୁ ସମସ୍ୟା ଦୂର କରି ପାରିବେ । ଏହି କ୍ଷୀର ବିକ୍ରୀ କାର୍ଯ୍ୟରେ ମୁଁ ଘର ଘର ବୁଲି ଗ୍ରାହକ ମାନଙ୍କୁ କ୍ଷୀର ଯୋଗାଇ ଥାଏ । ଏହି କାର୍ଯ୍ୟରେ ପ୍ରଥମେ ପ୍ରଥମେ ଅନେକ ସମାଲୋଚନା ଶୁଣିଲି । ସେ ସବୁକୁ ଖାତିରି ନକରି ମୋ ବାଟରେ ମୁଁ ଚାଲିବା ପରେ କଟୁ ସମାଲୋଚନା କରୁଥିବା ଲୋକ ମାନଙ୍କ ମୁହଁ ଆପେ ଆପେ ବନ୍ଦ ହୋଇଗଲା । ଏଥି ସହିତ ଧାମନଗର ଅଞ୍ଚଳର ବୋବଲ ନିକଟସ୍ଥ ସେନାପତିଆ ପୋଖରୀ ଠାରେ ମୁଁ ଗୋଟିଏ ଛେଳି ଫାର୍ମ ଆରମ୍ଭ କରିଛି । ଏଥିରେ ୩୦ଟି ଛେଳି ଅଛନ୍ତି । ଏହି ଛେଳି ଫାର୍ମ ଉଦ୍‌ଘାଟନ କରିଥିଲେ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ରାଉତ ଓ ପୂର୍ବତନ ଏମ୍.ପି. ଶ୍ରୀଯୁକ୍ତ ମୂରଲୀଧର ଜେନା । ସେମାନଙ୍କ ସାହାଯ୍ୟ ମୁଁ ଭୁଲି ପାରିବି ନାହିଁ ।

ମନ ଥିଲେ ଧନ ଆପେ ଆପେ ମିଳିଯାଏ ଏହି ଉଦାହରଣ ମୁଁ ନିଜେ ଅଙ୍ଗେ ଲିଭାଇଛି । ମୋର ନିବେଦନ ଓଡ଼ିଶାର ଯୁବତୀ ନାରୀ ସମାଜ ନିଜର ଉନ୍ନତି ପାଇଁ ନିଜେ ଅଣ୍ଟା ଭିଡ଼ନ୍ତୁ । ଏତଦ୍ଵାରା ବେକାରୀ ସମସ୍ୟା ନିଶ୍ଚୟ ଦୂର ହୋଇଯିବ ।

ଚାକିରୀ ପଛରେ ଗୋଡ଼ାଇବା ଅଯଥା ମୋହ ମଧ୍ୟ ତୁଟେଇ ଯିବ ।

ଏହି କାର୍ଯ୍ୟରେ ବିଶେଷ କରି ଭଦ୍ରକସ୍ଥିତ ୩ ଜଣ ପଶୁ ଚିକିତ୍ସକ ମହାଶୟ ସବୁବେଳେ ସାହାଯ୍ୟ କରିଛନ୍ତି । ସେମାନେ ହେଲେ -

ଡାକ୍ତର ଶ୍ରୀଯୁକ୍ତ ବେଣୁଧର ସ୍ୱାଇଁ ପ୍ରଜନନ କ୍ଷେତ୍ରରେ ମୋତେ ଅଧିକ ସାହାଯ୍ୟ କରିଛନ୍ତି

ଡାକ୍ତର ଶ୍ରୀଯୁକ୍ତ ସୁବୋଧ କୁମାର କର ମହାଶୟ ଗୋ ଚିକିତ୍ସା କ୍ଷେତ୍ରରେ ମୋତେ ଆକୁଣ୍ଠ ସାହାଯ୍ୟ କରିଛନ୍ତି ।

ଡାକ୍ତର ଶ୍ରୀଯୁକ୍ତ ଜଗଦିଶ ପ୍ରସାଦ ମିଶ୍ର ମଧ୍ୟ ମୋତେ ଅନେକ ସାହାଯ୍ୟ କରିଛନ୍ତି ।

ମୁଁ ସେମାନଙ୍କ ଠାରେ ବିଶେଷ କୃତଜ୍ଞ ।

# କୃତ୍ରିମ ପ୍ରଜନନ : ଦୁଇଟି ସଫଳ କାହାଣୀ

ଡାକ୍ତର ବି.ଏନ୍. ମହାନ୍ତି
ପଶୁ ଚିକିତ୍ସାଳୟ, ମାଣିଆଁବନ୍ଧ, ଆଠଗଡ଼

**କାହାଣୀ-୧**

ବିଡ଼ମ୍ଭ ବ୍ଲକ୍ ଅଧିନସ୍ଥ ଏକ ଗ୍ରାମପଞ୍ଚାୟତ ଖୁଣ୍ଟକଟା । ଏହି ପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମ-'ଧୋବଣୀନାଳ' । ଏହି ପଡ଼ା ଗ୍ରାମରେ ରହନ୍ତି କିଛି ଗୋପାଳ ପରିବାର । ଶ୍ରୀ ନାରଣ ବେହେରା ସେହି ଗ୍ରାମର ଜଣେ ଗୋପାଳ । ନାରଣଙ୍କ ପାଖରେ ଥାଏ ଛଅ/ସାତଟି ଦେଶୀ ଗାଈ । ସେଇ ମାନଙ୍କଠାରୁ ମିଳୁଥିବା ସ୍ୱଳ୍ପ ପରିମାଣର ଦୁଗ୍ଧ ବିକ୍ରୟ କରି ସେ ଚଳାଉଥିଲେ ତାଙ୍କର ପରିବାର ।

ଗତ ୧୯୯୭ ମସିହା କଥା । ନାରଣ ଘରକୁ ଚିକିତ୍ସା କାର୍ଯ୍ୟରେ ଯାଉଥାନ୍ତି ମାଣିଆଁବନ୍ଧର ପଶୁଚିକିତ୍ସକ । ଏତେ ଗୁଡ଼ିଏ ପ୍ରଜନନକ୍ଷମ ଦେଶୀ ଗାଈ ଦେଖି ସେ ଗୁଡ଼ିକୁ କୃତ୍ରିମ ପ୍ରଜନନ କରାଇବାକୁ ନାରଣଙ୍କୁ ସେ ପରାମର୍ଶ ଦିଅନ୍ତି । ପଶୁ ଚିକିତ୍ସକଙ୍କ ପରାମର୍ଶ କ୍ରମେ ନାରଣ ତାଙ୍କ ଦେଶୀଗାଈ ଗୁଡିକୁ ଉଚିତ୍ ସମୟରେ ମାଣିଆଁବନ୍ଧସ୍ଥିତ ପଶୁଚିକିତ୍ସାଳୟରେ କୃତ୍ରିମ ପ୍ରଜନନ କରାନ୍ତି । ଫଳତଃ ଆଜି ତାଙ୍କ ପାଖରେ ସାତଗୋଟି ବିଭିନ୍ନ କିସମର ଶଙ୍କର ଜାତୀୟ ଗାଈ ଅଛନ୍ତି । ଦିନକୁ ୩୦ ଲିଟର ପାଖାପାଖି ଦୁଗ୍ଧ ବ୍ୟବସାୟ । ଏହା ବ୍ୟତୀତ, ନାରଣ ଏହି ୮ ବର୍ଷ ମଧ୍ୟରେ ୫ଟି ହରିଆନା ଦାମୁଡ଼ି ଏବଂ ୩ ଗୋଟି ଶଙ୍କର ଜର୍ସୀ ଛଡ଼ା ବିକ୍ରୟ କରି ବେଶ୍ ଦୁଇ ପଇସା କମାଇ ପାରିଛନ୍ତି । କେବଳ ସେତିକି ନୁହେଁ: ନାରଣ ତାଙ୍କର ଜଣେ ସାନ ଭାଇକୁ ମଧ୍ୟ ଡାକ୍ତରୀରେ ଉଚ୍ଚ ଶିକ୍ଷିତ କରାଇବା ସହିତ ନିଜ ପୁଅଝିଅଙ୍କୁ କଲେଜରେ ପାଠ ପଢ଼ାଇ ପାରିଛନ୍ତି ।

ପଶୁଚିକିତ୍ସକଙ୍କ ପରାମର୍ଶ ଅନୁସାରେ ନାରଣ ତାଙ୍କର ତିନି ଗୁଣ୍ଠ ଜମିରେ NB-21 ଭଳି ସବୁଦିନିଆ ଘାସ ମଧ୍ୟ ଚାଷ କରିଛନ୍ତି । ଏହାଦ୍ୱାରା ସେ ଗାଈମାନଙ୍କୁ ପ୍ରତିଦିନ ସବୁଜ ଘାସ ଖାଇବାକୁ ଦେଇ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କରାଇ ଅଧିକ ଲାଭବାନ ହୋଇଛନ୍ତି ।

ବର୍ତ୍ତମାନ ନାରଣ ହଲଷ୍ଟିକ୍ ଭଳି ଅଧିକ ଉତ୍ପାଦନକ୍ଷମ ଗାଈ ପାଇବାପାଇଁ ବ୍ୟାକୁଳ । ସେଥିପାଇଁ ତାଙ୍କୁ ପଶୁଚିକିତ୍ସା ବିଭାଗ ତରଫରୁ ସମସ୍ତ ସୁବିଧା ଯୋଗାଇ ଦେବାପାଇଁ ଉଦ୍ୟମ ଜାରି ରହିଛି ।